# ନୀଳାଚଳ ଖଣିକୁ ମିଳିଲା ପରିବେଶ ମଞ୍ଜୁରୀ, ଜଙ୍ଗଲ ବିଭାଗ ଅନୁମତି ଅପେକ୍ଷାରେ

।।ପ୍ରଭାନ୍ୟୁଜ।। ଯାଜପୁର, ୧୧।୧୧ : ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମକୁ ଲିଜ୍‌ରେ ମିଳିଥିବା ଦୁଇଟି ଲୌହଖଣିକୁ ପରିବେଶ ମଞ୍ଜୁରୀ ମିଳିଛି । ଗତମାସ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଏକ୍ସପର୍ଟ ଅପ୍ରାଇଜାଲ କମିଟିର ୧୧ତମ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ଭିତିରେ ନୀଳାଚଳ ଇସ୍ପାତ ନିଗମକୁ ଲିଜ୍‌ରେ ମିଳିଥିବା ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲାରେ ଅବସ୍ଥାପତ ଦୁଇଟି ଲୌହ ପଥର ଖଣିକୁ ପରିବେଶ ମନ୍ତ୍ରଣାଳୟ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି । ତେବେ ଖଣି କାର୍ଯ୍ୟ ନିମନ୍ତେ ଜଙ୍ଗଲ ବିଭାଗର ଅନୁମତି ମିଳିପାରିନି । ପରିବେଶ ବିଭାଗର ମଞ୍ଜୁରୀ ପରେ ଏହି ଖଣିକୁ ଚଳିତ ମାସ ଶେଷ ସୁଦ୍ଧା ଜଙ୍ଗଲ ବିଭାଗର ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି । ନୀଳଚଳ ଲିଜ୍‌ରେ ୮୭୪.୨୯୦ ହେକ୍ଟର ପରିସିମାରେ ୧୦୨ ମିଲିୟନ ଟନ ଲୌହପଥର ଗଚ୍ଛିତ ରହିଛି । ଏହାକୁ ଏମ୍‌ଓଇଏଫ୍ ବାର୍ଷିକ ୨.୦ ମିଲିଅନ ଟନ୍ ଉତ୍ପାଦନ ହେତୁ ମଞ୍ଜୁର କରାଯାଇଛି । ଏଣୁ ଏକ ପ୍ରକାର ବ୍ୟାପକକ୍ଷତିରେ ଚାଲୁଥିବା ନୀଳାଚଳ ଆଗାମି ଦିନରେ ନିଜ ଖଣିରୁ ଲୁହାପଥର ଉତ୍ତୋଳନ କରି ବ୍ୟବହାର କରିବାକୁ ଥିବାରୁ ଉକ୍ତ କାରଖାନା ସୁଧୁରିବାର ଯଥେଷ୍ଟ ସମ୍ଭାବନା ରହିଛି । ବାହାରୁ ଲୁହାପଥର ଖର୍ଦ୍ଦି କରି କାରଖାନା ଚଲାଉଥିବା ନୀଳାଚଳକୁ ଏଥିନିମନ୍ତେ ବାର୍ଷିକ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡୁଥିଲା । ନୂତନ ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଥିବାର କୁହାଯାଉଛି ।